# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**06th October - 2024**

**News Editor : *Itishree Singh Rathuar***

******************************************

## ମୁଖ୍ୟ ସମ୍ବାଦ

- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆସନ୍ତାକାଲି ଅନୁଷ୍ଠିତ ହେବ ମାଓବାଦୀ ମୁକାବିଲା ସମ୍ପର୍କିତ ସମୀକ୍ଷା ବୈଠକ ।

— ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସମେତ ଯୋଗଦେବେ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ।

- ଓ.ପି.ଏସ୍.ସି.ଦ୍ୱାରା ପରିଚାଳିତ ପି.ଜି.ଟି. ଲିଖିତ ପରୀକ୍ଷା ବାତିଲ୍ ।

- ଐତିହାସିକ କଟକ ବାଲିଯାତ୍ରାରେ ପ୍ଲଟ୍ ବୁକିଂପାଇଁ ଆରମ୍ଭ ହେଲା ପଞ୍ଜୀକରଣ ।

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ୨୦ଟି ଜିଲ୍ଲାରେ ବର୍ଷା ହେବାନେଇ ସତର୍କ ସୂଚନା ଜାରୀ ।

***BBSR/R***

# ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ଆସନ୍ତାକାଲି ହେବାକୁ ଥିବା ମାଓବାଦୀ ମୁକାବିଲା ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେବାପାଇଁ ଦିଲ୍ଲୀ ଗସ୍ତରେ ଯାଉଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମାଓବାଦୀ ପ୍ରଭାବିତ ୮ଟି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ ବୋଲି ଜଣାପଡ଼ିଛି । ସେହି ରାଜ୍ୟଗୁଡ଼ିକ ହେଉଛି, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲଙ୍ଗାନା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ। ୨୦୨୬ ମାର୍ଚ୍ଚ ମାସ ସୁଦ୍ଧା ମାଓ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ମାଓବାଦୀ ଆହ୍ୱାନର ମୁକାବିଲା ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ଲକ୍ଷ୍ୟରେ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି। ବୈଠକରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଙ୍କ ସହ ଜାତୀୟ ସୁରକ୍ଷା ଉପପରାମର୍ଶଦାତା, କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ପ୍ରଭାବିତ ରାଜ୍ୟର ଦୁର୍ଗମ ଅଞ୍ଚଳରେ ଉନ୍ନୟନମୂଳକ ଯୋଜନା ପହଁଞ୍ଚାଇବା ପାଇଁ ଯୋଗାଯୋଗକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ବୈଠକରେ ଆଲୋଚନା ହେବ ବୋଲି ଜଣାପଡ଼ିଛି।

*IPR*

# ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଏବଂ ୧୪ ତାରିଖ ସୋମବାର ଦିନ ବନ୍ଦ ରହିବ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଓ ୧୪ ତାରିଖରେ ଦୁର୍ଗାପୂଜା ଭସାଣି ପାଇଁ ଜନଶୁଣାଣି ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

*Desk*

# ପି.ଜି.ଟି. ପରୀକ୍ଷା ବାତିଲ୍

ଓଡ଼ିଶା ଲୋକସେବା ଆୟୋଗ-ଓ.ପି.ଏସ୍.ସି.ଦ୍ୱାରା ପରିଚାଳିତ ୩ଟି ବର୍ଗରେ ହେବାକୁ ଥିବା ଶିକ୍ଷକମାନଙ୍କପାଇଁ ପି.ଜି.ଟି. ଲିଖିତ ପରୀକ୍ଷାକୁ ଆଜି ବାତିଲ୍ କରାଯାଇଛି । ପଦାର୍ଥ ବିଜ୍ଞାନ, ଗଣିତ ଏବଂ ଓଡ଼ିଆ ଶିକ୍ଷକ ପଦବୀ ପାଇଁ ଏହି ପରୀକ୍ଷାଗୁଡ଼ିକ ଅନୁଷ୍ଠିତ ହେବାକୁ ଥିଲା । ଆୟୋଗ ପକ୍ଷରୁ ଅନିବାର୍ଯ୍ୟ କାରଣ ଦର୍ଶାଇ ଇଚ୍ଛାଧୀନ ପ୍ରଥମ ଓ ଦ୍ୱିତୀୟ ପତ୍ର ପରୀକ୍ଷାକୁ ବାତିଲ୍ କରାଯାଇଛି । ଅନ୍ୟ ଇଚ୍ଛାଧୀନ ବିଷୟଗୁଡ଼ିକର ପରୀକ୍ଷା ଧାର୍ଯ୍ୟ ସୂଚୀ

ଅନୁସାରେ ଅନୁଷ୍ଠିତ ହେବ । ବାତିଲ୍ କରାଯାଇଥିବା ପରୀକ୍ଷାର ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ଆୟୋଗର ସମ୍ପାଦକ ସୂଚନା ଦେଇଛନ୍ତି ।

***Desk***

## ଯୁକ୍ତ ଦୁଇ ଅଧ୍ୟାପକ

ରାଜ୍ୟରେ ଥିବା ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକଙ୍କ ଉପସ୍ଥାନ କଡ଼ାକଡ଼ି କରାଯିବ । ଏଥିପାଇଁ ବିଦ୍ୟାଳୟଗୁଡ଼ିକରେ ବାୟୋମେଟ୍ରିକ୍ ବ୍ୟବସ୍ଥା କରାଯିବ । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପତ୍ର ଲେଖାଯାଇଛି । ସୂଚନା ଅନୁସାରେ, ଅଧ୍ୟାପକମାନଙ୍କ ଉପସ୍ଥାନ ତଥ୍ୟକୁ ସାମ୍ସ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ । ଏହାକୁ ନିର୍ଦ୍ଦେଶାଳୟର ନିରୀକ୍ଷକ ଅଧିକାରୀ ତର୍ଜମା କରିବେ ।

***Desk***

## ସ୍କ୍ରବ୍ ଟାଇଫସ୍

ବରଗଡ଼ ଜିଲ୍ଲାରେ ଚଳିତ ବର୍ଷ ଆରମ୍ଭରୁ ଏ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରୁ ସ୍କ୍ରବ ଟାଇଫସ୍ ସନ୍ଦେହରେ ୯୦୦ରୁ ଅଧିକ ଲୋକଙ୍କର ରକ୍ତ ନମୂନା

ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୭୩ ଜଣଙ୍କଠାରେ ସ୍କ୍ରବ ଟାଇଫସ୍ ପଜିଟିଭ୍ ଥିବା ଜଣାପଡ଼ିଛି। ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି ବୋଲି ବରଗଡ଼ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିରୂପମା ଷଡ଼ଙ୍ଗୀ କହିଛନ୍ତି। ଜିଲ୍ଲାରେ ଗତ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ବିଷାକ୍ତ କୀଟ କାମୁଡ଼ିବା ଦ୍ୱାରା ଅନେକ ଲୋକ ଆକ୍ରାନ୍ତ ହୋଇଛନ୍ତି। ଚଳିତ ବର୍ଷ ଏହାଦ୍ୱାରା ୨ ଜଣଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଷଡ଼ଙ୍ଗୀ କହିଛନ୍ତି। ସେ କହିଛନ୍ତି, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା ପାଇଁ ଉପକରଣ ଉପଲବ୍ଧ ରହିଛି। ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ସମ୍ପୃକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡାକ୍ତରୀ ଷଡ଼ଙ୍ଗୀ କହିଛନ୍ତି।

***Boudh/R***

## ଗଣଶିକ୍ଷା ମନ୍ତ୍ରୀ

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ସମୀକ୍ଷା କରିଛନ୍ତି । ଜିଲ୍ଲା ବି.ଜେ.ପି. ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀ ଗଣ୍ଡ ଜିଲ୍ଲାରେ ସଦସ୍ୟତା ଅଭିଯାନ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ ।

*Desk*

## ବାଲିଯାତ୍ରା - ପ୍ଲଟ୍ ପଞ୍ଜୀକରଣ

ଐତିହାସିକ କଟକ ବାଲିଯାତ୍ରା ପ୍ଲଟ୍ ବୁକିଂପାଇଁ ଆଜିଠୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସମ୍ପୂର୍ଣ୍ଣ ପଞ୍ଜୀକରଣ ପ୍ରକ୍ରିୟାକୁ ପ୍ରଥମଥର ପାଇଁ ଇ-ପେମେଣ୍ଟ ଜରିଆରେ କରାଯାଉଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପୃଷ୍ଠପୋଷକଙ୍କୁ ପଞ୍ଜୀକରଣ ପ୍ରକ୍ରିୟାରେ ପ୍ରାଧାନ୍ୟ ଦିଆଯିବ । ଆସନ୍ତା ୧୫ ତାରିଖରେ ଅନ୍ୟ ବ୍ୟବସାୟୀ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ପ୍ଲଟ ପାଇଁ ପଞ୍ଜୀକରଣ କରିପାରିବେ । ସୂଚନା ଅନୁସାରେ ଆସନ୍ତା ନଭେମ୍ବର ୧୫ ତାରିଖରୁ ୨୨ ତାରିଖ ଯାଏଁ ବାଲିଯାତ୍ରା ଅନୁଷ୍ଠିତ ହେବ ।

*Desk*

## ହବିଷ୍ୟାଳୀ - ପଞ୍ଜୀକରଣ

କାର୍ତ୍ତିକ ମାସରେ ପୁରୀ ଶ୍ରୀକ୍ଷେତ୍ରରେ ହବିଷ ବ୍ରତ ପାଳନ ପାଇଁ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ହବିଷ୍ୟାଳୀ ଯୋଜନାରେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ ଜାରି ରହିବ। ଯୋଜନା ଅଧୀନରେ ୨ ହଜାର ୫୦୦ ହବିଷ୍ୟାଳୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଇଚ୍ଛୁକ ହବିଷ୍ୟାଳୀ ଆସନ୍ତା ୧୭ ତାରିଖଠାରୁ ପୁରୀରେ ପହଁଞ୍ଚି ଅଫ୍‌ଲାଇନ୍‌ରେ ମଧ୍ୟ ପଞ୍ଜୀକରଣ କରିପାରିବେ। ସେମାନଙ୍କ ପାଇଁ

୪ଟି ଶିବିରର ବ୍ୟବସ୍ଥା କରାଯାଉଛି। ସେଠାରେ ଦେୟମୁକ୍ତ ରହଣି, ମହାପ୍ରସାଦ ସେବନ, ଦର୍ଶନ ଏବଂ ପୂଜାପାଠର ବ୍ୟବସ୍ଥା ସହ ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ସୁବିଧା ରହିବ। ତେବେ ହବିଷ୍ୟାଳୀଙ୍କ ପାଇଁ ତତ୍କାଳ ପଞ୍ଜୀକରଣର ସୁବିଧା ଉପଲବ୍ଧ ହେବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

***Desk***

# ଗ୍ରେନ୍ ଆନାଲାଇଜର୍

ରାଜ୍ୟରେ ଆସନ୍ତା ଖରିଫ୍ ଋତୁରୁ ମଣ୍ଡିରେ ଧାନର ଗୁଣବତ୍ତା ଯାଞ୍ଚପାଇଁ କୃତ୍ରିମ ବୁଦ୍ଧିମତ୍ତା ଥିବା ଗ୍ରେନ୍ ଆନାଲାଇଜର୍‌ର ବ୍ୟବହାର କରାଯିବ । ପ୍ରଥମ ପର୍ଯ୍ୟାୟରେ ୨୦୦ ଗ୍ରେନ୍ ଆନାଲାଇଜର୍ ଲାଗିବ । ଏହା ମାତ୍ର ଦୁଇ ମିନିଟ୍‌ରେ ଧାନର ମାନ ଯାଞ୍ଚ୍ କରିବ ବୋଲି ଜଣାପଡ଼ିଛି । ଏହି ଆନାଲାଇଜର୍ କିଣିବା ଦାୟିତ୍ୱ ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ଼କୁ ଦିଆଯାଇଛି । ସୂଚନା ଅନୁସାରେ, ଚଳିତ ଖରିଫ୍ ଋତୁରେ ସରକାର ମଣ୍ଡିରୁ ୭୧ ଲକ୍ଷ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ୪ ହଜାର ୩୬ଟି ଧାନ ସଂଗ୍ରହ କେନ୍ଦ୍ର କରାଯାଇଛି ।

*Bolangir/R*

# ନବରାତ୍ର - ଦୁର୍ଗାପୂଜା

ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଛି ମା' ଜଗତଜନନୀ ଦୁର୍ଗାଙ୍କର ନବରାତ୍ର ପୂଜା। ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ମା'ଙ୍କୁ କୁଷ୍ମାଣ୍ଡା ବେଶରେ ସଜ୍ଜିତ କରାଯିବା ସହିତ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହେଉଛି। ବଲାଙ୍ଗିର ଜିଲ୍ଲାର ପ୍ରମୁଖ ଶକ୍ତିପୀଠଗୁଡ଼ିକରେ ଷୋଳପୂଜା ଏବଂ ନବରାତ୍ର ପୂଜା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଚାଲିଛି । ଏ ସମ୍ପର୍କରେ ଆମ ବଲାଙ୍ଗିର ସମ୍ବାଦଦାତାଙ୍କ ରିପୋର୍ଟ....

***Voice :............***

*Desk, Gajapati/R*

# ଦୁର୍ଗାପୂଜା

ଶକ୍ତିପୀଠ ଗୁଡ଼ିକରେ ମା'ଙ୍କର ନବରାତ୍ର ପୂଜା ଅବସରରେ ଚତୁର୍ଥି ଦିବସରେ ଆଜି କୁଷ୍ମାଣ୍ଡା ବେଶ ଅନୁଷ୍ଠିତ ହୋଇଛି। ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ପବିତ୍ର ଶାରଦୀୟ ଦୁର୍ଗୋତ୍ସବ ଅବସରରେ ମା'ଙ୍କ ନବରାତ୍ର ପୂଜା ସହିତ ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ପୂଜାର୍ଚ୍ଚନା ଚାଲିଛି । ଶକ୍ତିପୀଠରେ ଅଧିଷ୍ଠାତ୍ରୀ ଦେବା ମା' ଦଣ୍ଡାମାଲାମ୍ମା ଓ ନିଳାମ୍ମାଙ୍କର ନବରାତ୍ର ପୂଜା ସହ ଚଣ୍ଡୀପାଠ, ହୋମ, ଯଜ୍ଞ ଆଦି ଆଧ୍ୟାତ୍ମିକ ପରିବେଶରେ

ଅନୁଷ୍ଠିତ ହେଉଛି । ସେହିଭଳି ଶ୍ରୀବାସବୀକନ୍ୟକା ପରମେଶ୍ୱରୀ ମନ୍ଦିରରେ ମଧ୍ୟ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ଚାଲିଛି ।

*Nayagarh/R*

## ଯକ୍ଷ୍ମା ଟିକାକରଣ

ନୟାଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରଠାରେ ପ୍ରାପ୍ତ ବୟସ୍କଙ୍କ ପାଇଁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଟିକା ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନେ ନେଇପାରିବେ । ଯେଉଁମାନଙ୍କୁ ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ହୋଇଥିବ, ସେମାନେ ମଧ୍ୟ ଏହି ଟିକା ନେଇପାରିବେ । ଏଥିସହିତ ଯକ୍ଷ୍ମା ରୋଗୀଙ୍କ ନିକଟ ସମ୍ପର୍କୀୟ, ବରିଷ୍ଠ ନାଗରିକ, କୁପୋଷଣର ଶିକାର ହୋଇଥିବା ବ୍ୟକ୍ତି, ମଧୁମେହ ଏବଂ ଧୂମପାନ କରୁଥିବା ବ୍ୟକ୍ତି ମାଗଣାରେ ଟିକା ନେଇପାରିବେ ।

*Boudh/R*

## କେନ୍ଦ୍ରୀୟ ବିଦ୍ୟାଳୟ – ତୀରନ୍ଦାଜ

କେନ୍ଦ୍ରୀୟ ବିଦ୍ୟାଳୟସମୂହ ଜାତୀୟ ତୀରନ୍ଦାଜ କ୍ରୀଡ଼ା ପ୍ରତିଯୋଗିତାରେ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଫଳତା ମିଳିଛି । ଉତ୍ତର ପ୍ରଦେଶର ଫରିଦାବାଦଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଏଥିରେ ବୌଦ୍ଧର ସୁରଜ ମେହେର ଦୁଇଟି ସ୍ୱର୍ଣ୍ଣ, କ୍ରିଷ୍ଣାମୟୀ ମହାକୁଡ଼ ରୌପ୍ୟ ଓ ସଂତୃପ୍ତି ସାହୁ ବ୍ରୋଞ୍ଜ ପଦକ ପାଇ ସଫଳତା ହାସଲ କରିଛନ୍ତି ।

***Desk***

# ପାଣିପାଗ

ଉତ୍ତର ବଙ୍ଗୋପସାଗର ସହ ବାଂଲାଦେଶ ଓ ପଶ୍ଚିମବଙ୍ଗ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଦୁର୍ବଳ ହେବାରେ ଲାଗିଛି । ଏହା ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଆଖପାଖ ଅଞ୍ଚଳରେ ସକ୍ରିୟ ରହିଛି । ଲଘୁଚାପର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶର କେତେକ ସ୍ଥାନରୁ ଅପସରି ଯାଇଛି । ତେବେ ଓଡ଼ିଶାରୁ ମୌସୁମୀ ଅପସାରଣ ପ୍ରକ୍ରିୟା ପାଇଁ ଆଉ କିଛିସମୟ ଲାଗିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*****